ST Fade in
And
Kept under

# ଆକାଶବାଣୀ ସମ୍ବଲପୁର

ଆଁଚଲିକ୍ ଖବର ପଢୁଛନ୍ -

pause ST Fade in

ଜୁହାର୍ ।

ପହେଲା ମୁଖିଆ ଖବର୍ ।

୧- ୧୦ ଲାଖ୍ ଟପିଲା ଆୟୁଷ୍ମାନ୍ ବୟବନ୍ଦନା କାର୍ଡ଼ଥି ହିତାଧିକାରୀମାନ୍‌କର ପଞ୍ଜିକରଣ

୨- ରାଏଜେ ମଧୁର ଜଲ ମାଛ ଚାହିଦା ଅଏତ୍‌କା ରହିଛେ- କହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

୩- ଧାନ୍ ଘିନାକେ ଠିକ୍ କର୍‌ବାର୍ ଲାଗି ନିଆଯାଇଛେ ସବୁ ରକ୍‌ମର ପଦକ୍ଷେପ୍

ଆଉର୍

୪- ଆଘର୍ ମନ୍ତ୍ରୀ ସମୀର ଦେ’ ଙ୍କ ପରଲୋକ୍

ST Fade in & out

**ଏଥର ପୁରା ଖବର୍**

ଆୟୁଷ୍ମାନ୍ ବୟବନ୍ଦନା କାର୍ଡ                    ଆର୍ଏନ୍ୟୁ / କଟକ

ଦେଶର୍ ବରିଷ୍ଠ ନାଗରିକ୍ ମାନକର ଲାଗି ମୂଲ୍ ହେଇଥିବା ଆୟୁଷ୍ମାନ୍ ବୟବନ୍ଦନା କାର୍ଡଥି ୧୦ଲାଖ୍‌ନୁ ଅଏତ୍‌କା ପଞ୍ଜିକରଣ୍ ହେଇଛେ । ଇ କାର୍ଡ ଜରିଏ ୭୦ ବଛର୍‌ନୁ ଅଏତ୍‌କା ବୟସ୍କ ନାଗରିକ୍ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଭ୍ ପାଏପାର୍‌ବେ । ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତର୍‌ଫୁ ମିଳିଥିବା ସୂଚନା ଅନ୍‌ସାରେ, ପଞ୍ଜିକରଣ୍ ମୂଲ ହେବା ୩ ହପ୍ତା ଭିତ୍‌ରେ ଇ ସଫଳତା ମିଳିଛେ । ଗଲା ଅକ୍ଟୋବର ୨୯ ତାରିଖ୍ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇତାର୍ ଶୁଭାରମ୍ଭ କରିଥିଲେ । ଇଥି ୪ଲାଖ ମହିଲା ପଞ୍ଜିକୃତ୍ ହେଇଥିବା ଜନାପଡିଛେ । ଶୁଭାରମ୍ଭ ହେବାର୍ ଉତାରୁ ୭୦ବଛର୍‌ନୁ ଉର୍ଦ୍ଧ୍ୱ ୧ହଜାର ୪ଶହନୁ ଅଏତ୍‌କା ମହିଲା ଆଉ ୪ହଜାର୍ ୮ଶହନୁ ଅଏତ୍‌କା ପୁରୁଷ ଇ ଯୋଜନା ଜରିଏ ଲାଭ୍ ପାଏଛନ୍ । ଇ ବାବ୍‌ଦେ ୯କୋଟିନୁ ଅଏତ୍‌କା ଟଙ୍କା ଦିଆଯାଇଛେ ବଲି ମନ୍ତ୍ରଣାଳୟ କହିଛେ । ଗଲା ସେପ୍ଟେମ୍ବର ମାସେ କେବିନେଟ୍‌ଥି ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ପରିସରକେ ବଢେଇ କରି ୭୦ବଛରନୁ ଅଏତ୍‌କା ବୟସ୍କ ନାଗରିକମାନ୍‌କର ଲାଗି ସ୍ୱାସ୍ଥ୍ୟବୀମାକେ ସାମିଲ୍ ଲାଗି ମଞ୍ଜୁର୍ ଦେଇଥିଲା । ଇଥି ଦେଶର୍ ସାଢେ ୪କୋଟିର ପରିବାରର ପାଖାପାଖି ୬କୋଟି ବରିଷ୍ଠ ନାଗରିକ ମାହାଲିଆ ଚିକିତ୍ସା ସୁବିଧା ପାଏପାର୍‌ବେ । ଇ ଯୋଜନାଥି ଯେ କେନ୍‌ସି ଆୟ ବର୍ଗର ୭୦ବଛରନୁ ଅଏତ୍‌କା ବୟସ୍କର ନାଗରିକ ସାମିଲ୍ ହେଇପାର୍‌ବେ ।

ଆକ୍ୱାଲାବ୍ ଉଦ୍ଘାଟନ                    ସମ୍ବଲପୁର ସମ୍ବାଦଦାତା

ରାଏଜେ ମଧୁର ଜଲ୍ ମାଛର ଚାହିଦା ଅଏତ୍କା ରହିଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲପୁର ଜିଲ୍ଲା ବହିଦାର ନୂଆପାଲି ନ ଜିଲ୍ଲା ମସ୍ୟ କାର୍ଯ୍ୟାଳୟ ଆଉ ଆକ୍ୱାଲାବ୍‌କେ ଆଏଜ୍ ଉଦ୍ଘାଟନ୍ କରି କରି ସେ କହିଛନ୍ ଯେ, ପ୍ରଧାନମନ୍ତ୍ରୀ ମସ୍ୟ ପ୍ରୋତ୍ସାହନ ଯୋଜନା ମାଛ ଚାଷୀମାନ୍‌କୁ ଅଏତ୍କା ସାହାଜ୍ କରୁଛେ । ମଧୁର୍ ଜଲ ମାଛର ଚାହିଦାକେ ଦେଖି କରି ହୀରାକୁଦ୍ ନଦୀବନ୍ଧ ଲାଗି କରି ଥିବା ଇଲାକା ନ ମାଛ ଚାଷକେ ତ୍ୱାରାନ୍ୱିତ୍ କର୍‌ବାର୍ ଲାଗି ଇ ଲେବ୍ ପ୍ରତିଷ୍ଠା କରାଯାଇଛେ । ଇ ପରୀକ୍ଷାଗାର୍‌ଥି ମାଛର ମାନ, ମାଟି ଆଉ ପାଏନ୍‌ର ପରୀକ୍ଷା କରାଯାଇପାର୍‌ବା । ହୀରାକୁଦ୍ ଜଲଭଣ୍ଡାର ନ ଦେଖାଯାଉଥିବା କୁଡୋ ମାଛର ଚାହିଦା ଏଛେନ୍ କଲିକତା ବଜାର୍‌ଥି ବଢିଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ । ହୀରାକୁଦ ଜଲଭଣ୍ଡାର୍ ଆଉ ଇତାତେ ଲାଗିକରି ଥିବା ଇଲାକାନ୍ ମାଛ ଚାଷ୍‌କେ ବଢାବାର୍ ଲାଗି ପଦକ୍ଷେପ୍ ନିଆଯିବା ବଲି ସେ କହିଛନ୍ । ଇ କାର୍ଯ୍ୟକ୍ରମଥି ମସ୍ୟ ଆଉ ପଶୁପାଳନ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ, ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଆଉ ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଧାନ୍ ଘିନା ଆର୍‌ଏନ୍‌ୟୁ / କଟକ

ରାଏଜେ ଧାନ୍ ଘିନାକେ ଠିକ୍ କର୍‌ବାର୍ ଲାଗି ସବୁ ରକମ୍‌ର ପଦକ୍ଷେପ୍ ନିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ । ସେ କହିଛନ୍ ଯେ, ଧାନ୍ ଘିନାର ଗୁଟେ ସ୍ଲିପ୍ ଚାଷୀମାନ୍‌କର ପାଖେ ଆଉ ଅଲ୍‌ଗା ସ୍ଲିପ୍ ସରକାରଙ୍କ ପାଖେ ରହେବା । ଇ ବାବ୍‌ଦେ ସବୁ ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ ଦିଆଯାଇଛେ । ସେନ୍ତା ମନଇଛା କଟ୍‌ନୀ ଛଟ୍‌ନୀ ନାଇଁ କର୍‌ବାର୍‌କେ କୁହାଯାଇଛେ । ଧାନର୍ ଆଦ୍ରତା ଆଉ ଏଫ୍.ଏ. କ୍ୟୁ ଆଧାର୍‌ଥି ଧାନ୍ ଘିନ୍‌ବାର୍‌କେ ପଦକ୍ଷେପ୍ ନିଆଯାଇଛେ ବଲି ଶ୍ରୀ ସିଂହଦେଓ କହିଛନ୍ ।

କାମଧେନୁ ଯୋଜନା ଆର୍‌ଏନ୍‌ୟୁ-କଟକ

ରାଏଜେ ଗୋସଂପଦ ସୁରକ୍ଷାର ଲାଗି କାମଧେନୁ ଯୋଜନା କାର୍ଯ୍ୟକାରୀ କରାଯାଇଛେ ବଲି ମସ୍ୟ ଆଉ ପଶୁ ସଂପଦ ବିକାଶ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ କହିଛନ୍ । ସେ କହିଛନ୍ ଯେ, ନୂଆ ଗୋଶାଲା ଲାଗି ସବ୍‌ସିଡି ବ୍ୟବସ୍ଥା କରାଯାଇଛେ । ସେନ୍ତା ନୂଆ ଗୋଶାଲା ତିଆର୍ ଲାଗି ୫୨ ଲାଖ୍ ଟଙ୍କା ତକ୍ ବ୍ୟବସ୍ଥା ଥିବାର୍‌ବେଲେ ବଛର୍‌କ ୨୦ ହଜାର୍ ଟଙ୍କା ତକ୍ ପୋଷଣ ବାବ୍‌ଦେ ଦିଆଯାଉଛେ । ଗୋ ସଂପଦ୍ ଆଉ ଦୁଗ୍ଧ ଉତ୍ପାଦନ ବଢାବାର୍ ଲାଗି ସରକାର୍ ପଦକ୍ଷେପ୍ ନେଉଛନ୍ । ଶ୍ରୀ ମଲ୍ଲିକ କହିଛନ୍ ଯେ, ସମ୍ବଲପୁର ଜିଲ୍ଲା ନ ୪୩ ହଜାର ହେକ୍ଟର ଜମି ମାଛ ଚାଷ ଲାଗି ରହିଥିବାର୍ ବେଲେ ୩୩ହଜାର ହେକ୍ଟର୍‌କେ ଇଥି ଲାଗି ବ୍ୟବହାର୍ କରାଯାଉଛେ । ହେଲେ ଭିନ୍ ଭିନ୍ ଲୋକ୍ ଆଉ ଅନୁଷ୍ଠାନ ଜବରଦଖଲ୍‌ଥି ରହିଥିବା ଜମି ମାନ୍‌କେ ଜଲ୍‌ଦି ଫିରାଇ ଆନ୍‌ବାର୍ ବ୍ୟବସ୍ଥା କରାଯିବା ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ ।

ଶ୍ରୀ ମନ୍ଦିର ରତ୍ନଭଣ୍ଡାର ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି କାମ୍ ଆଏବା ଜାନୁଆରୀ ଶେଷ୍ ତକ୍ କରାଯିବା ବଲି ଆଇନମନ୍ତ୍ରୀ ପୃଥୀରାଜ୍ ହରିଚନ୍ଦନ କହିଛନ୍ । ସେ କହିଛନ୍ ଯେ, ଇ ସମୟସୀମା ତକ୍ ରତ୍ନଭଣ୍ଡାର୍‌ର ଦରକାରୀ ମରାମତି କାମ୍ ଭିଲ୍ ଶେଷ୍ ହେବା । କାର୍ତିକ୍ ମାସେ ଶ୍ରଦ୍ଧାଳୁଙ୍କ ଭିଡ୍ ଲାଗି ଇ କାମ୍ ମୂଲ୍ ନାଇଁ ହେଇପାରି । ଏଏସ୍ଆଇ ରତ୍ନଭଣ୍ଡାର୍‌ର ମରାମତି କାମ୍ ଖୁବ୍ ଜଲ୍‌ଦି ଆରମ୍ଭ୍ କର୍‌ବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ ।

## ୩ଟା ହାତୀଙ୍କ ମଲାଦିହି

ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ନାକ୍ଟିଦେଉଲ୍ ରେଞ୍ଜ୍‌ର ବୁରମାଲ୍ ଜଙ୍ଗଲନୁ ଆଏଜ୍ ୩ଟା ହାତୀଙ୍କ ମଲାଦିହି ଉଦ୍ଧାର୍ କରାଯାଇଛେ । ସେଥିର୍‌ଭିତ୍‌ରେ ୨ଟା ବଡ୍ ଆଉ ଗୁଟେ ଛୁଆ ହାତୀ ରହିଛେ । ଜଙ୍ଗଲ୍ ବିଭାଗ ଆଏଜ୍ ସଖାଲେ ଇ ମଲା ହାତୀମାନ୍‌କୁ ଉଦ୍ଧାର୍ କର୍‌ବାର୍ ସହେତେ ତଦନ୍ତ ମୂଲ୍ କରିଛନ୍ । ମିଲିଥିବା ସୂଚନା ଅନ୍‌ସାରେ, ଗଲା କିଛି ଦିନ୍ ହେଲା ନାକ୍ଟି ଦେଉଲ୍ ରେଞ୍ଜ୍‌ଥି ହାତୀ ପଲ ଚଲାଚଲ୍ କରୁଥିଲେ । ଇ ବାବ୍‌ଦେ ସୂଚନା ଦେଇ କରି ମୁଖ୍ୟ ବନ ସଂରକ୍ଷକ ସୁସାନ୍ତ ନନ୍ଦ କହିଛନ୍ ଯେ, ବାର୍‌ହା ଶିକାର୍ ଲାଗି ପକାଯାଇଥିବା ବିଜ୍‌ଲି ତାର୍ ଲାଗି ଇ ହାତୀ ମାନ୍‌କର ଜୀବନ ଯାଇଥିବା ପ୍ରାଥମିକ ତଦନ୍ତନୁ ଜନାପଡିଛେ । ସେ କହିଛନ୍ ଯେ, ବନ୍ୟାପ୍ରାଣୀ ମୁଖ୍ୟାଳୟର ଝନେ ବରିଷ୍ଠ ଅଧିକାରୀଙ୍କୁ ଇ ଘଟ୍‌ନାର ତଦନ୍ତ ଦାୟୀତ୍ୱ ଦିଆଯାଇଛେ । ତଦନ୍ତ ରିପୋର୍ଟ ଆସ୍‌ବାର୍ ଉତ୍‌ରୁ ଦୋଷୀମାନ୍‌କର ବିରୋଧନ୍ କାର୍ଯ୍ୟନୁଷ୍ଠାନ୍ ନିଆଯିବା ବଲି ସେ କହିଛନ୍ ।

ଅତ୍ୟାଧୁନିକ୍ ସିଟିସ୍କାନ୍ ମେସିନ ଆରଏନ୍ୟୁ-କଟକ

ସମ୍ବଲପୁର ମୁଖ୍ୟ ହାସ୍ପାତାଲନ ଅତ୍ୟାଧୁନିକ୍ ସିଟିସ୍କାନ୍ ମେସିନ୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଉଦ୍‌ଘାଟନ କରିଛନ୍ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଇ ମେସିନ୍‌କେ ସେନ ଥାପ୍‌ନା କରାଯାଇଛେ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ ଯେ, ରାଏଜେ ଚିକିତ୍ସା ସେବା କ୍ଷେତ୍ରକେ ବର୍‌କସ କର୍‌ବାର ଲାଗି ଇଟା ସମୟ ଅନ୍‌ସାରେ ଠିକ୍ ପଦକ୍ଷେପ ଆଏ ଆଉ ଇଥି ବହୁତ୍ ଲୋକ ଲାଭ୍ ପାଏପାର୍‌ବେ ।

-ଆଘର ମନ୍ତ୍ରୀ ସମୀର ଦେ' ଆର୍‌ଏନ୍ୟୁ/ସମ୍ବଲପୁର

ଆଘର ମନ୍ତ୍ରୀ ଆର୍ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ସମୀର ଦେ ଙ୍କ ଆଏଜ୍ ୬୭ ବଛର୍ ବୟସେ ପରଲୋକ୍ ହେଇଯାଇଛେ । କଟକର ଗୁଟେ ଘରୋଇ ହାସ୍ପାତଲ ନ ଚିକିତ୍ସିତ ହେଉଥିବାର୍‌ବେଲେ ତାଙ୍କର ମୃତ୍ୟୁ ହେଇଛେ । ଶ୍ରୀ ଦେ ଙ୍କ ବିୟୋଗଥି ବହୁତ୍‌ଟେ ବିଶିଷ୍ଟ ବ୍ୟକ୍ତି ଶୋକ୍ ପ୍ରକାଶ କରିଛନ୍ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ବିୟୋଗରେ ବହୁତ୍ ମର୍ମାହତ୍ ବଲି ସାମାଜିକ ଗଣମାଧ୍ୟମ୍ରେ କହିଛନ୍ । ଓଡିଶାର ବିକାଶ୍ କ୍ଷେତ୍ରରେ ଶ୍ରୀ ଦେ ଙ୍କ ବଡ୍ ଭୂମିକା ଥିଲା ବଲି ରାଷ୍ଟ୍ରପତି କହିଛନ୍ ।

ରାଜ୍ୟପାଳ ରଘୁବର ଦାସ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜନାବାର୍ ସହେତେ ଶ୍ରୀ ଦେ ଙ୍କର ଅସାଧାରଣ ଯୋଗଦାନ୍ ଲାଗି ସେ ସବୁବେଲେ ମନେ ରହେବେ ବଲି କହିଛନ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଲ୍ ଗଭୀର ଶୋକ୍ ପ୍ରକାଶ କରିଛନ୍ । ସେ କହିଛନ୍ ଯେ, ଶ୍ରୀ ଦେ ଝନେ ଲୋକପ୍ରିୟ ଜନନେତା ଆଉ ବଡ ସଂଗଠକ୍ ଥିଲେ । ଉଚ୍ଚଶିକ୍ଷା ଆଉ ନଗର ଉନ୍ନୟନ ମନ୍ତ୍ରୀ ଭାବେ ରାଜ୍ୟର ବିକାଶ୍ରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ୍ ଦେଇଥିଲେ । ମୁଖ୍ୟମନ୍ତ୍ରୀ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶ୍ରୀ ଦେ ଙ୍କ ଶେଷକୃତ୍ୟ ହେବା ବଲି ଘୋଷ୍ନା କରିଛନ୍ ।

କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀ ଦେ ଙ୍କ ବିୟୋଗରେ ଗଭୀର ଶୋକ୍ ପ୍ରକାଶ କରି କହିଛନ୍ ଯେ, ସେ ଓଡିଶାରେ ଅଭ୍ୟୁଦୟ କେନ୍ଦ୍ର ବିନ୍ଦୁ ଭାବେ କଟକ ସହରନୁ ବିଜେପିର ରାଷ୍ଟବାଦୀ ବିଚାର୍କେ ଲୋକ ପ୍ରିୟ

କର୍‌ବାରଥି ବଡ୍ ଭୂମିକା ନେଇଥିଲେ । କେନ୍ଦ୍ର ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଉ କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ୍ ଭିଲ୍ ଶୋକ୍ ପ୍ରକାଶ କରିଛନ୍ ।

ଇନ୍ ଜନେଇ ଦିଆଯାଇପାରେ ଯେ, ୧୯୯୫, ୨୦୦୦, ୨୦୦୪ ମସିହାଥି ସମୀର ଦେ କଟକ ସହରନୁ ବିଧାୟକ ଭାବେ ନିର୍ବାଚିତ୍ ହେଇଥିଲେ । ୨୦୦୦ନୁ ୨୦୦୪ ମସିହା ତକ୍ ନଗର ଉନ୍ନୟନ ମନ୍ତ୍ରୀ ଆଉ ୨୦୦୪ନୁ ୨୦୦୯ ମସିହା ତକ୍ ଉଚ୍ଚଶିକ୍ଷା ମନ୍ତ୍ରୀ ଭାବେ କାମ୍ ତୁଲାଇଥିଲେ ।

ଜନଅଭିଯୋଗ୍ ଶୁଣାଣି ଶିବିର ସୁବର୍ଣ୍ଣପୁର୍ /ବର୍‌ଗଡ଼୍//ଦେବ୍‌ଗଡ଼୍/ନୂଆପଡ଼ା//କଲାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍

କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସୁବର୍ଣ୍ଣପୁର୍ ଡୁଙ୍ଗୁରିପାଲି ବ୍ଲକ୍ ପଂଚାୟତ ସମିତି କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ଜନଶୁଣାଣି ଶିବିରଥି ୧୧୪ଟା ମାମ୍‌ଲାର୍ ଶୁଣାଣି କରିଥିଲେ ।

ବର୍‌ଗଡ୍ ଜିଲ୍ଲାର୍ ବରଗଡ ପଂଚାୟତ୍ ସମିତି କାର୍ଯ୍ୟାଳୟ ପରିସର ନ ଜିଲ୍ଲାପାଲ ଆର୍ ଏସ୍.ପି.ଙ୍କର୍ ଉପସ୍ଥିତିଥି ଅଭିଯୋଗ୍ ଶୁଣାଣି ଶିବିର ହେଇଥିଲା । ମୋଟ୍ ୫୮ଟା ଅଭିଯୋଗ ଆସିଥିଲା ।

ଦେବ୍‌ଗଡ୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ସରୁଆଳି ଗ୍ରାମପଂଚାୟତ ସମ୍ମିଳନୀ କକ୍ଷନ ଜିଲ୍ଲାପାଲ୍‌ଙ୍କର୍ ଅଭିଯୋଗ୍ ଶୁଣାଣି ଶିବିରଥି ୪୬ଟା ଅଭିଯୋଗ ଆସିଥିଲା । ଇ ସବୁ ଅଭିଯୋଗ ବିଚାର୍ କରି କରି ସମାଧାନ୍ କର୍‌ବାରକେ ବିଭାଗୀୟ ଅଧିକାରୀମାନ୍‌କୁ ଜିଲ୍ଲାପାଲ୍ ନିର୍ଦ୍ଦେଶ ଦେଇଛନ୍ ।

ନୂଆପଡ଼ା ଜିଲ୍ଲା ବୋଡେନ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ମିଳିତ ଅଭିଯୋଗ୍ ଶୁଣାଣି ଶିବିରଥି ଆସିଥିବା ୫୬ଟା ଅଭିଯୋଗନୁ ୪୫ଟା ବ୍ୟକ୍ତିଗତ ଆଉ ୧୧ଟା ଗୋଷ୍ଠୀଗତ ଅଭିଯୋଗର ଶୁଣାଣି ହେଇଛେ ।

କଳାହାଣ୍ଡି ଜିଲ୍ଲା କଲମପୁର୍ ବ୍ଲକ୍ କାର୍ଯ୍ୟାଳୟ ନ ଅଭିଯୋଗ୍ ଶୁଣାଣି ଆର୍ ସମାଧାନ୍ ଶିବିରଥି ୯୬ଟା ଅଭିଯୋଗ ଆସିଥିଲା । ଇତାର୍‌ଭିତ୍‌ରୁ ୫ଟା ଅଭିଯୋଗର୍ ସଙ୍ଗେସଙ୍ଗେ ସମାଧାନ୍ କରାଯାଇଥିଲା।

ବୌଦ୍ଧ ଜିଲ୍ଲାର କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୮୨ଟା ଅଭିଯୋଗ ଆସିଥିବାର୍‌ବେଲେ ୩୧ଟାର ସାଙ୍ଗେ ସାଙ୍ଗେ ସମାଧାନ କରାଯାଇଥିଲା ।

ଦିଶା ବୈଠକ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ନ ଆଏଜ୍ ଦିଶା ବୈଠକ ହେଇଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକଥି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଉପରେ ଆଲୋଚନା ହେଇଛେ । ବୈଠକଥି ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ସହେତେ ଜିଲ୍ଲାପାଲ୍ ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ନୌସେନା ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀର ବେଲାଭୂମି ବ୍ଲୁ ଫ୍ଲାଗ୍ ବିଚ୍ ନ ଆଏବା ମାସର୍ ୪ ତାରିଖ୍ ଦିନ ନୌସେନା ଦିବସ୍ ପାଲିତ୍ ହେବାର୍‌କେ ଯାଉଛେ । ହେଥି ନୌସେନା ତାର୍ ବୈଷୟିକ ଦକ୍ଷତା, ସାମର୍ଥ୍ୟ ଆର୍ ରଣନୀତି ପ୍ରସ୍ତୁତି ପ୍ରଦର୍ଶନ୍ କର୍‌ବା । ଇ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଲ୍ ରଘୁବର୍ ଦାସ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ନୌସେନାର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ ।